# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 September – 2026**

************************************

## ମୁଖ୍ୟ ସମ୍ବାଦ

- ଭାରତ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଛି ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ

– ପ୍ରଥମ ଦିନର ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ ଘୋଷଣାପତ୍ର ସର୍ବସମ୍ମତିକ୍ରମେ ଗୃହୀତ

- ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଜାରି ରହିଛି ସୀମା ନିର୍ଦ୍ଧାରଣ କାର୍ଯ୍ୟ

- ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

- 'ଜୀବନ ରକ୍ଷା କ୍ଷେତ୍ରରେ ପ୍ରାଥମିକ ଚିକିତ୍ସାର ଭୂମିକା' ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଏବଂ

- ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ପି.ଏମ୍. – ବ୍ରିକ୍ସ ଆଡ୍ରେସ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜିଠାରୁ ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍‌ସ ଶିଖ୍‌ର ସମ୍ମିଳନୀ ଆରମ୍ଭ ହୋଇଛି । ପ୍ରଥମ ଦିନ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ ଘୋଷଣାପତ୍ର ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି । ନୂଆଦିଲ୍ଲୀ ଘୋଷଣାନାମା ପ୍ରକାଶ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଘୋଷଣାପତ୍ର ସଦସ୍ୟ ଦେଶଗୁଡ଼ିକର ସହଭାଗୀ ସଙ୍କଳ୍ପକୁ ପ୍ରତିପାଦନ କରୁଛି । ତେବେ ଏହାର କାର୍ଯ୍ୟାନ୍ୱୟନ ପ୍ରତ୍ୟେକ ଅଂଶୀଦାର ରାଷ୍ଟ୍ରର ସହଭାଗୀ ଦାୟିତ୍ୱ ବୋଲି ଶ୍ରୀ ମୋଦି କହିଛନ୍ତି ।

ପ୍ରଧାନମନ୍ତ୍ରୀ' ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଏବଂ ନୀତି ନିର୍ଦ୍ଧାରଣରେ ସଂସ୍କାର ମାଧ୍ୟମରେ ଅନ୍ତର୍ଜାତୀୟସ୍ତରୀୟ  ସଂସ୍ଥାଗତ ଢାଞ୍ଚା ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଉଛନ୍ତି । ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ଏହା ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ମୋଦୀ କହିଛନ୍ତି । **- V/O -**

ବ୍ରିକ୍ସ ସଂଗଠନର ୨୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କଦ୍ୱାରା ଦୁଇଟି ସ୍ମାରକୀ ଡାକଟିକଟ ଉନ୍ମୋଚିତ ହୋଇଛି ।

ସମ୍ମିଳନୀର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ମୋଦି' ପ୍ରତିବର୍ଷ ଅଧ୍ୟକ୍ଷତାରେ ପରିବର୍ତ୍ତନ ସତ୍ତ୍ୱେ ବ୍ରିକ୍ସ ସଦସ୍ୟ ଗୋଷ୍ଠୀର

ସଂସ୍ଥାଗତ ଗତିଶୀଳତା ବଜାୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏଥିପାଇଁ ବ୍ରିକ୍ସ ନିରନ୍ତରତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ସେ ପ୍ରସ୍ତାବ ଦେଇଛନ୍ତି । ଆଗାମୀ ୨୦ ବର୍ଷପାଇଁ ନୂତନ ତଥା ମହତ୍ୱାକାଂକ୍ଷୀ ରୂପରେଖ ପ୍ରସ୍ତୁତ ଉପରେ କାର୍ଯ୍ୟ କରିବାକୁ ଶ୍ରୀ ମୋଦି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

HS

## ପଞ୍ଚାୟତ ନିର୍ବାଚନ

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଜାରି ରହିଛି ବୋଲି ଗୃହ ନିର୍ମାଣ ଓ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏ ନେଇ ଜିଲ୍ଲାପାଳମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ବ୍ୟବସ୍ଥା ଉପରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

Nayagada/M.Giri/Ganjam/Kataka/R.gada/N.pur/BHK

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ଆଜି ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଓଡ଼ିଶା ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ତତ୍ତ୍ୱାବଧାନରେ

ଅଦାଲତ ଆୟୋଜନ କରାଯାଇଛି । ହାଇକୋର୍ଟରେ ୧୭୫ଟି ବିଭିନ୍ନ କିସମ ମାମଲାର ସମାଧାନ କରାଯିବା ସହିତ ମୋଟରଯାନ ଦୁର୍ଘଟଣା ମାମଲାଗୁଡ଼ିକର ବିଚାର କରାଯାଇ କ୍ଷତିପୂରଣ ବାବଦ ୧୯ କୋଟି ୬୫ ଲକ୍ଷ ୭୫ ହଜାର ୩୩୮ ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଭଦ୍ରକ ଜିଲ୍ଲା ଦୌରାଜଜ ନଳାଙ୍ଗସ୍ଥିତ ଜିଲ୍ଲା ଜଜ୍‌କୋର୍ଟ ପରିସରରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧ ହଜାର ୨୪୦ଟି ମୋକଦ୍ଦମାର ଆପୋଷ ସମାଧାନ କରାଯାଇ ମୋଟ ୫ କୋଟି ୩ ଲକ୍ଷ ୭୨ ହଜାର ୩୧୩ ଟଙ୍କା ଆଦାୟ କରାଯାଇଛି ।

ନବରଙ୍ଗପୁରଠାରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୦୦ଟି କୋର୍ଟ କେସ୍ ଓ ୩୨ ହଜାର ୨୧୯ଟି ରାଜସ୍ୱ କେସ୍‌ର ଫଇସଲା କରାଯାଇ ୧୫ ଲକ୍ଷ ୬୭ ହଜାର ୪୮୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି ।

ରାୟଗଡ଼ା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ରାୟଗଡ଼ା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମ କଟକ, କାଶୀପୁର, ପଦ୍ମପୁର ଓ ମୁନିଗୁଡ଼ା ଅଦାଲତରେ ୧୫୪ଟି ମାମଲାର ଫଇସଲା କରି ୬୦ ଲକ୍ଷ ୪୪ ହଜାର ୩୫୫ ଟଙ୍କାର ଜରିମାନା ଆଦାୟ କରାଯାଇଛି ।

ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଭିନ୍ନ ସ୍ଥାନରେ ଜାତୀୟସ୍ତରୀୟ ଲୋକ ଅଦାଲତରେ ମୋଟ ୨୪ ହଜାର

୫୧୮ଟି ମୋକଦ୍ଦମାର ଫଇସଲା କରାଯାଇ ୧ କୋଟି ୩୮ ଲକ୍ଷ ୨୪ ହଜାର ୧୯୯ ଟଙ୍କା ଜରିମାନା ଆଦାୟ କରାଯାଇଛି।

Kataka

## ଆଇନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

କଟକ ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ୧୩ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତ, ବିଶ୍ୱବିଦ୍ୟାଳୟର ନୂତନ ପତ୍ରିକା **NLUO** ମେଡିଟେସନ୍ ବ୍ଲଗ୍‌ସକୁ ଉନ୍ମୋଚନ କରିଥିଲେ। ଭାରତ ଆନ୍ତର୍ଜାତୀୟ ଆଇନ ଶିକ୍ଷା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ–**(IIULER)** ପ୍ରଫେସର ଡକ୍ଟର ଆର.ଭେଙ୍କଟରାଓ ଯୋଗଦେଇ କହିଛନ୍ତି, ଆଇନଜୀବୀ ଏବଂ ସମଗ୍ର ଆଇନ ପେଶାର ମଙ୍ଗଳ ପାଇଁ ଜନସ୍ୱାର୍ଥ ଆଇନଜୀବୀତ୍ୱ ଅତ୍ୟନ୍ତ ଆବଶ୍ୟକ। ସମାବର୍ତ୍ତନ ଉତ୍ସବରେ ୨୪୬ ଜଣଙ୍କୁ ସ୍ନାତକ ଡିଗ୍ରୀ, ୬ ଜଣଙ୍କୁ ଡକ୍ଟରେଟ୍ ଉପାଧି, ୪୮ ଜଣଙ୍କୁ **LLM** ଡିଗ୍ରୀ ଏବଂ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି।

Desk

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଜୀବନ ରକ୍ଷା କ୍ଷେତ୍ରରେ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସ ଦ୍ୱିତୀୟ

ଶନିବାରକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ରବାସନ ବେଳେ ପ୍ରାଥମିକ ଚିକିତ୍ସା'। ପ୍ରାଥମିକ ଚିକିତ୍ସା ହେଉଛି ଏକ ଜରୁରୀକାଳୀନ ପଦକ୍ଷେପ। ଯାହା ମୁଖ୍ୟତଃ ସରଳ ଓ ପ୍ରାଥମିକସ୍ତରରେ ଚିକିତ୍ସା ପ୍ରଦାନକୁ ଗୁରୁତ୍ୱ ଦେଇଥାଏ। ୨୦୦୦ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାର ଦିନ ଆନ୍ତର୍ଜାତିକ ରେଡକ୍ରସ ଓ ରେଡ କ୍ରିସେଣ୍ଟ ସୋସାଇଟି ଫେଡେରେସନ୍ ଦ୍ୱାରା ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା।

Desk

## ଉପମୁଖ୍ୟମନ୍ତ୍ରୀ- ପ୍ରକଳ୍ପ ଉଦ୍‌ଘାଟନୀ

ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦରେ ୨୯ଟି ହାଇମାଷ୍ଟ ଲାଇଟ୍‌ର ଲୋକାର୍ପଣ, ୩ଟି ପାନୀୟ ଜଳ କିଓସ୍କୋ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବିଦ୍ୟୁତ ଚାଳିତ ଯାନ ପାଇଁ ଚାର୍ଜି ଷ୍ଟେସନ୍, ୧୦୦ କ୍ଷମତା ବିଶିଷ୍ଟ ଗୋଶାଳା ଓ ୬ ନମ୍ବର ଓ୍ୱାର୍ଡରେ ଯୋଗ ଓ ଧ୍ୟାନ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଶ୍ରୀମତୀ ପରିଡ଼ା ନିମାପଡ଼ା ପାଇଁ ତିନୋଟି ବର୍ଜ୍ୟବସ୍ତୁ ସଂଗ୍ରହ ଯାନର ଶୁଭାରମ୍ଭ କରି କହିଛନ୍ତି, ଏହା ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନରେ ସହାୟକ ହେବ। ଭିତ୍ତିଭୂମି ନିର୍ମାଣରୁ ଆରମ୍ଭ କରି ବିଭିନ୍ନ ଜନସୁବିଧାର ବିକାଶ, ସ୍ୱଚ୍ଛତା, ଆଲୋକୀକରଣ ଓ ଉନ୍ନତ ନାଗରିକ ସେବା ଯୋଗାଇ ଦେବାକୁ ସରକାର ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି।

Nayagada

## ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଭାପୁର ଓ ଖଣ୍ଡପଡ଼ା ବ୍ଲକରେ ୧୦୫ କୋଟି ଟଙ୍କା ବ୍ୟୟରେ ୭ଟି ରାସ୍ତା ଓ ସେତୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସେତୁ ନିର୍ମାଣ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ କୃଷି, ବାଣିଜ୍ୟ, ଶିକ୍ଷା ଓ ରୋଜଗାରର ସୁଯୋଗକୁ ଆହୁରି ଗତି ମିଳିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ପ୍ରକଳ୍ପ ଅଞ୍ଚଳବାସୀଙ୍କ ଗମନାଗମନକୁ ସୁଗମ କରିବା ସହ ବାଣିଜ୍ୟିକ କାର୍ଯ୍ୟକଳାପରେ ଉନ୍ନତି ଆଣିବ ବୋଲି କଟକ ସାଂସଦ ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

Ganjam

## ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର

ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମିର 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ସପ୍ତାହବ୍ୟାପୀ ଅଭିଯାନର ଶୁଭାରମ୍ଭ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁ ମୁରୁଗମ ଯୋଗଦେଇ ସମୁଦ୍ର ଓ ବେଳାଭୂମିର ସୁରକ୍ଷା କ୍ଷେତ୍ରରେ ଗଞ୍ଜାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ନୀଳ ଅର୍ଥନୀତି, ସୁସ୍ଥ ଓ ସ୍ଥାୟୀ ବିକାଶ, ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ବିକାଶ ତଥା ସାମୁଦ୍ରିକ ଗବେଷଣା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ବେଳାଭୂମି ଦିବସ ପାଳନ ପରିପ୍ରେକ୍ଷୀରେ

ଆୟୋଜିତ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଯୁବାଗୋଷ୍ଠୀ ଓ ସ୍ୱଚ୍ଛସାଥୀମାନେ ସାମିଲ ହୋଇ ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାର ବାର୍ତ୍ତା ପ୍ରଦାନ କରିଛନ୍ତି।

Nabarangpur

## ସାଧାରଣ ପରିଷଦ ବୈଠକ

ନବରଙ୍ଗପୁର ଜିଲ୍ଲାରେ ମୌଳିକ ସମସ୍ୟାଗୁଡ଼ିକର ସମାଧାନ, ଜିଲ୍ଲାର ବିକାଶ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଜିଲ୍ଲା ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଦର ମହକୁମା ଡାକ୍ତରଖାନାରେ ଡାକ୍ତର ଅଭାବ, ଚିକିତ୍ସା ଯନ୍ତ୍ରପାତିର ଅଚଳ ଓ ଅଭାବ ଭଳି ସମସ୍ୟା ଉପରେ ଆଲୋଚନା ହୋଇଛି। ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମିର ବିକାଶ ସହ ସହରର ପ୍ରମୁଖ ସ୍ଥାନଗୁଡ଼ିକର ଶୌଚାଳୟ ନିର୍ମାଣ ଏବଂ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନେଇ ଆଲୋଚନା ହୋଇଥିଲା।

Malkangiri

## ଆମେ ପଢ଼ିବା ଆମ ଭାଷାରେ

ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ ମାତୃଭାଷା ଶିକ୍ଷଣ ସାମଗ୍ରୀର ସମୀକ୍ଷା ପାଇଁ ଜିଲ୍ଲାସ୍ତରୀୟ ବିଶେଷଜ୍ଞ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରସ୍ତାବିତ ଶିକ୍ଷଣ ସାମଗ୍ରୀଗୁଡ଼ିକରେ ଭାଷାର ସଠିକତା, ସ୍ଥାନୀୟ ଶବ୍ଦାବଳୀର ସମ୍ପୃକ୍ତି ଏବଂ ଶିଶୁ ଉପଯୋଗୀ ବିଷୟବସ୍ତୁ ସୁନିଶ୍ଚିତ କରିବାକୁ ବିଶେଷଜ୍ଞମାନଙ୍କୁ

ନିର୍ଦ୍ଦେଶ ଦିଆଯାଇଛି। ବଣ୍ଡା ଓ ଦିଦାଇ ଭାଷାରେ ସଠିକ ଅନୁବାଦ ରୂପାନ୍ତରଣ ପାଇଁ ବଣ୍ଡା ବିକାଶ ସଂସ୍ଥା ଓ ଦିଦାଇ ବିକାଶ ସଂସ୍ଥା ସହ ସ୍ୱତନ୍ତ୍ର ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

Kalahandi

## ନୂଆଖାଇ ପାଳନ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଆସନ୍ତା ମଙ୍ଗଳବାର ଦିନ ପାଳନ କରାଯିବ। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ପଥର୍ଲା ବାହାଦୂରପଦର ଓ ପଲକାପଡ଼ା ଅଞ୍ଚଳର ଲୋକେ ନୂଆଖାଇ ପାଳନ କରିଛନ୍ତି। ଜିଲ୍ଲାରେ ୫ଟି ପର୍ଯ୍ୟାୟରେ ନୂଆଖାଇ ପାଳନ କରାଯିବାର ପରମ୍ପରା ରହିଛି।

Bhadrak

## ସୁଧାଂଶୁ ଶେଖର

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସଦରବଳିଆ ଗ୍ରାମର ବିଶିଷ୍ଟ ସାରସ୍ୱତ ସାଧକ, ନାଟ୍ୟ ନିର୍ଦ୍ଦେଶକ ସୁଧାଂଶୁ ଶେଖର ବେହେରାଙ୍କର ୧୦୫ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ଗ୍ରାମ ସଦରବଳିଆରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଆକାଶବାଣୀ କଟକ କେନ୍ଦ୍ରରେ ସ୍ୱର୍ଗତଃ ବେହେରାଙ୍କର ୨୨ଟି ନାଟକ ପରିବେଷିତ ହୋଇଛି। 'ଫୁଲ ଫସଲ' ନାଟକ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା। 'ସାଧବ ଝିଅ', 'ବାଜିରାଉତର ଚରମ ପତ୍ର', 'ସୂର୍ଯ୍ୟଶଙ୍ଖ', 'ଅରବିନ୍ଦାୟନ' ପରି ସଫଳ କବିତା ସଂକଳନର ସେ ସ୍ରଷ୍ଟା ଥିଲେ।

MET

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ପଶ୍ଚିମ–ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ସମସ୍ତ ବନ୍ଦରଗୁଡ଼ିକରେ ତିନି ନମ୍ବର ବିପଦ ସଂକେତ ଜାରି କରାଯାଇଥିବା ବେଳେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଜଳସମ୍ପଦ ବିଭାଗ ମନ୍ତ୍ରୀ ଦିଲ୍ଲୀପ ରାଉତ ବର୍ଷା ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି...

**- V/O -**